**ସୀତା ରାମ ସିଂହାନିଆ**

**ବନାମ**

**ବ୍ୟାଙ୍କ ଅଫ୍ ଟୋକିଓ-ମିସୁବିଶି ଲିମିଟେଡ୍ ଏବଂ ଅନ୍ୟମାନେ**

**ମେ 11, 1999**

**[ବି. ଏନ୍. କିର୍ପାଲ ଏବଂ ଏସ୍. ରାଜେନ୍ଦ୍ର ବାବୁ, ନ୍ୟାୟମୂର୍ତ୍ତିଦ୍ୱୟ]**

*ବ୍ୟାଙ୍କ ଏବଂ ଆର୍ଥିକ ଅନୁଷ୍ଠାନଗୁଡ଼ିକୁ ପରିଶୋଧଯୋଗ୍ୟ ଋଣର ଅସୁଲ ଅଧିନିୟମ, 1993:*

*ଋଣ ଅସୁଲ ନ୍ୟାୟାଧିକରଣ - ବ୍ୟାଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମକଦ୍ଦମା - ସ୍ୱାଭାବିକ ଭାବେ ଅସୁଲ ପ୍ରକ୍ରିୟା ସ୍ଥଗିତ ରଖିବାର ମଞ୍ଜୁରୀ - ଯୁକ୍ତିଯୁକ୍ତତା - ମଧ୍ୟପ୍ରଦେଶ ରାଜ୍ୟରେ ଆରମ୍ଭ ହୋଇଥିବା କାର୍ଯ୍ୟାନୁଷ୍ଠାନ - ଏହା ନିର୍ଣ୍ଣୟ ନିଆଯାଇଥିଲା ଯେ, ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କର କୌଣସି କ୍ଷେତ୍ରାଧିକାରିତା ନାହିଁ।*

ବିଶେଷ ଅନୁମତି ଅପିଲ ପାଇଁ ଆବେଦନ (ଦେୱାନୀ) ସଂଖ୍ୟା 6759/1999 ।

ସିଏମଡବ୍ଲ୍ୟୁପି 15012/99 ରେ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଦିନାଙ୍କ 09.04.1999 ର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ରବିନ୍ଦର ସେଠୀ, ସଞ୍ଜୟ ଗୁପ୍ତା ଏବଂ ରାଜୀବ ଶର୍ମା ।

ନ୍ୟାୟାଳୟ ନିମ୍ନଲିଖିତ ଆଦେଶ ଦେଇଥିଲେ:

ଋଣ ଅସୁଲ ନ୍ୟାୟାଧିକରଣଙ୍କ ସମ୍ମୁଖରେ ବ୍ୟାଙ୍କଗୁଡ଼ିକ ଦ୍ୱାରା ଆରମ୍ଭ ହୋଇଥିବା ମକଦ୍ଦମାଗୁଡ଼ିକରେ ପ୍ରତିବାଦୀମାନଙ୍କ ଦ୍ୱାରା ଦାୟର ହୋଇଥିବା ଏପରି ପ୍ରସଙ୍ଗରେ, ଉଚ୍ଚ ନ୍ୟାୟାଳୟଗୁଡ଼ିକ କାହିଁକି ନ୍ୟାୟାଧିକରଣଙ୍କ ସମ୍ମୁଖରେ ଚାଲୁଥିବା କାର୍ଯ୍ୟାନୁଷ୍ଠାନଗୁଡ଼ିକୁ ସ୍ୱାଭାବିକ ଭାବେ ସ୍ଥଗିତ ରଖିବାର ମଞ୍ଜୁରୀ ଦେବେ, ଏହାର କୌଣସି କାରଣ ଆମ୍ଭେ ଦେଖୁନାହୁଁ । ନ୍ୟାୟାଧିକରଣ ଗଠନର ଅଧିସୂଚନାକୁ ଆପତ୍ତି କରାଯାଇଛି - କେବଳ ଏହି କାରଣରୁ ଏହା ଉପରେ ସ୍ଥଗିତାଦେଶ ମଞ୍ଜୁର କରିବା ଦ୍ୱାରା ନ୍ୟାୟାଧିକରଣ ସ୍ଥାପନ କରିବାର ଉଦ୍ଦେଶ୍ୟ ହିଁ ନଷ୍ଟ ହୋଇଯିବ । ବର୍ତ୍ତମାନର ମାମଲାରେ, ଉଚ୍ଚ ନ୍ୟାୟାଳୟ ଯଥାର୍ଥରେ ଏହି ଉପସଂହାରରେ

ପହଞ୍ଚିଛନ୍ତି ଯେ ମଧ୍ୟପ୍ରଦେଶ ରାଜ୍ୟରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଥିବାରୁ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ କୌଣସି କ୍ଷେତ୍ରାଧିକାରିତା ନଥିଲା ।

ବିଶେଷ ଅନୁମତି ଆବେଦନ ଖାରଜ ହୋଇଛି ।

ଟି.ଏନ୍.ଏ. ଆବେଦନ ଖାରଜ ହେଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*<u>ଭାଷାନ୍ତର :</u>*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**